ସକାଳ
THE SAKALA



● ସାଂଗଠନିକ ବୈଠକରୁ ବିଜେଡିର ନିର୍ବାଚନ ପ୍ରସ୍ତୁତି ଆରମ୍ଭ

# ସଂଗଠିତ ହୋଇ ବିଜୟ ବ୍ୟବଧାନ ବଢ଼ାଇବା ଉପରେ ଗୁରୁତ୍ୱ

**ପାଲଲହଡ଼ା, ୩୧।୩(ସମିସ):** ସାଧାରଣ ନିର୍ବାଚନ ୨୦୨୪ ପାଇଁ ବିଜୁ ଜନତା ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ଶିବିରରେ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ପ୍ରାର୍ଥୀ ଘୋଷଣା ପରଠାରୁ ପାଲଲହଡ଼ା ବିଧାୟକ ମୁକେଶ ପାଲ ଗାଁ ଗାଁ ବୋଲି ବିଗତ ଦିନର ବିକାଶ କାର୍ଯ୍ୟ ତଥା ବିଜେଡି ସରକାରର ଲୋକାଭିମୁଖୀ ଯୋଜନାକୁ ଘରକୁ ଘର ବୋଲି ପ୍ରଚାର କରୁଛନ୍ତି। ସେହିପରି ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ଲୋକସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ମଧ୍ୟ ନିର୍ବାଚନ ମଣ୍ଡଳୀ ଗସ୍ତ କରି ନିଜର ପ୍ରଚାର ଆରମ୍ଭ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ରବିବାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଡ଼ାପାଳ ପଞ୍ଚାୟତର ଦ୍ୱିତୀୟ ଚିଲିକାଠାରେ ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡା. ସାମଲ ଏବଂ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଯୋଗଦେଇଥିଲେ। ପ୍ରଥମେ ଉଭୟ ପ୍ରାର୍ଥୀ ପାଲଲହଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବିରାଙ୍କୁ ଦର୍ଶନ କରି ସଭାସ୍ଥଳକୁ ଯାଇଥିଲେ




ଓ କର୍ମୀ ସମ୍ମିଳନୀରେ ଯୋଗଦେଇ ବିଗତ ଦିନରେ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଭୋଟରଙ୍କୁ ସଚେତନ କରାଇଥିଲେ। ଉଭୟ ପ୍ରାର୍ଥୀ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ଏବଂ ଆଗାମୀ ନିର୍ବାଚନରେ ବିଜେଡି କିଭଳି ଭାବେ ସଂଗଠିତ ହୋଇ ନିର୍ବାଚନ ଲଢ଼ି ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବ, ତାହାକୁ ନେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ମଙ୍ଗଳ ଏବଂ ଯୁବ ବ୍ୟାପାର ଅଧ୍ୟକ୍ଷ ତଥା ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ପଞ୍ଚାୟତ ସମିତି, କଣିହାଁ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ୨୩ ନଂ ଜିଲ୍ଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି, ୨୨ ନଂ ଜିଲ୍ଲା ପରିଷଦ ସଦସ୍ୟ ବୁଧରାମ ବୈପାଇ, ୨୪ ନଂ ଜିଲ୍ଲା ପରିଷଦ ସଦସ୍ୟା ଇନ୍ଦିରା ହେମ୍ବ୍ରମ, ୧୦ ନଂ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ନାଏକଙ୍କ ସମେତ ବିଜୁ ଜନତା ଦଳର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି, ଏବଂ ସମସ୍ତ ଦଳୀୟ ପଦାଧିକାରୀ ଏବଂ ପ୍ରତ୍ୟେକ ପଞ୍ଚାୟତର ସକ୍ରିୟ କର୍ମୀମାନେ ଯୋଗଦେଇଥିଲେ। ଆଗାମୀ ଦିନରେ କିପରି ଦଳୀୟ କାର୍ଯ୍ୟକ୍ରମ କରାଯିବା ଏବଂ କିପରି ଉଭୟ ସାଂସଦ ଏବଂ ବିଧାୟକଙ୍କ ବିପୁଳ ବିଜୟ ହେବ, ସେହି ବିଷୟରେ କର୍ମୀ ଓ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ଆଲୋକପାତ କରିଥିଲେ।

■ ଖଣି ମହାପ୍ରବନ୍ଧକଙ୍କୁ ଦୁଇ ଦଫା ଦାବିପତ୍ର

# କୋଇଲା ଉତ୍ତୋଳନ ପାଇଁ ଖଣି ବିସ୍ଫୋରଣ ବନ୍ଦ ହେଉ

**ତାଳଚେର, ୩୧।୩(ସମିସ):** ତାଳଚେର ବ୍ଲକ ମଦନମୋହନପୁର ଗ୍ରାମକୁ ସ୍ଥାନାନ୍ତର କରିବା ଏବଂ କୋଇଲା ଉତ୍ତୋଳନ ପାଇଁ ଖଣି ମଧ୍ୟରେ ହେଉଥିବା ବିସ୍ଫୋରଣ ବନ୍ଦକରିବା ନେଇ ଗ୍ରାମ୍ୟ କମିଟି ପକ୍ଷରୁ ଖଣି ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗ୍ରାମର ଅତି ନିକଟରେ ଲିଙ୍ଗରାଜ ଏବଂ ଜଗନ୍ନାଥ ଖୋଲା କୋଇଲା ଖଣି ଅବସ୍ଥିତ। ଉଭୟ କୋଇଲା ଖଣିରେ କୋଇଲା ଉତ୍ତୋଳନ ପାଇଁ ଦୈନନ୍ଦିନ ଖଣି ମଧ୍ୟରେ ବିସ୍ଫୋରକ ସାମଗ୍ରୀ ଦ୍ୱାରା ବିସ୍ଫୋରଣ କରାଯାଉଛି। ଏହା ଏତେ ଯୋରରେ ହେଉଛି ଯେ, ଘରର କାନ୍ଥ ଏବଂ ଅନ୍ୟାନ୍ୟ ସାମଗ୍ରୀ ଥରି ଉଠି ଭୂମିକମ୍ପ ଭଳି ଲାଗୁଛି। ଫଳରେ ଘର ଭିତରୁ ଗ୍ରାମବାସୀ, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ଛାତ୍ରଛାତ୍ରୀ ଭୟରେ ବାହାରକୁ ଦୌଡ଼ି ପଳାଇବା ସହିତ ଆସବାବପତ୍ର ଥରି ଖସି ପଡୁଛି। ଘରର କାନ୍ଥରେ ଫାଟ ସୃଷ୍ଟିହୋଇ ବିପଦମାନ ଅବସ୍ଥାରେ ରହିଛି। ଏହାକୁ ଜରୁରୀ ମନେକରି ଗ୍ରାମ୍ୟ କମିଟି ପକ୍ଷରୁ ଲିଙ୍ଗରାଜ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଏବଂ ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକଙ୍କୁ ଲିଖିତ ଭାବେ ଅନୁରୋଧ କରାଯାଇଛି। ଯଦି ଏହାକୁ ବନ୍ଦ କରା ନଯାଏ ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଗ୍ରାମ୍ୟ କମିଟିର ସଭାପତି ଚୈତନ୍ୟ ପ୍ରଧାନଙ୍କ ସମେତ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# କମ୍ୟୁନିଟି ସେଣ୍ଟରକୁ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ପ୍ରଦାନ



**ତାଳଚେର, ୩୧।୩(ସମିସ):** ଏନଟିପିସି ତାଳଚେର କଣିହାଁ ପକ୍ଷରୁ ସିଏସଆର ପଦକ୍ଷେପ ସ୍ୱରୂପ କଣିହାଁ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ମାର୍ଚ୍ଚ ୩୦ରେ ଏକ ମୌଳିକ ଜୀବନ ରକ୍ଷାକାରୀ(ବିଏଲଏସ)ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଯାହାକି, ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବା ସୁବିଧା ସହ କଣିହାଁ ବ୍ଲକରୁ ଜିଲ୍ଲାର ରେଫରାଲ ହସ୍ପିଟାଲକୁ ପଠାଇବା ପାଇଁ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବ। ତାଳଚେର କଣିହାଁ ପ୍ରକଳ୍ପର ମୁଖ୍ୟ ଅଶୋକ କୁମାର ସେହଗଲ ବିଏଲ୍ଏସ୍ ଆମ୍ବୁଲାନ୍ସର ଉଦଘାଟନ କରି ଏହାକୁ କମ୍ୟୁନିଟି ହେଲଥ ସେଣ୍ଟରର ବିପିଏଚଓ ସୁମନ୍ତ କୁମାର ପଟେଲଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଏନଟିପିସି କଣିହାଁର ହେଡ ଅଫ୍ ଏଚଆର, ବି.କେ ପାଣ୍ଡେଙ୍କ ସମେତ କଣିହାଁ ବିଡିଓ ଦେବଦତ ପ୍ରଧାନ, ତହସିଲଦାର, ଚିନ୍ମୟ ଦାସ, ଡିଜିଏମ୍ ଏଚଆର, ଏନଟିପିସି, ପି.କେ. ସିଂହ, ଏନଟିପିସି ଏବଂ କଣିହାଁ କମ୍ୟୁନିଟି ସେଣ୍ଟରର ଅଧିକାରୀଗଣ ଉପସ୍ଥିତ ଥିଲେ। ତେବେ କଣିହାଁର ଖଣି ଅଞ୍ଚଳ ଏବଂ ଦୁର୍ଗମ ସ୍ଥାନଗୁଡିକୁ ଦୃଷ୍ଟିରେ ରଖି ଡାକ୍ତରୀ ଚିକିତ୍ସା ଓ ଜରୁରୀକାଳୀନ ପରିସ୍ଥିତିରେ ଗୁରୁତରଙ୍କୁ ଯତ୍ନ ଏବଂ ସହାୟତା ଯୋଗାଇବାରେ ବିଏଲ୍ଏସ୍ ଆମ୍ବୁଲାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଅଧିକନ୍ତୁ, ଉନ୍ନତ ଚିକିତ୍ସା ପାଇଁ ରୋଗୀଙ୍କୁ ସୁରକ୍ଷିତ ଭାବରେ ତାଳଚେର ଏବଂ ଅନୁଗୋଳକୁ ସ୍ଥାନାନ୍ତର କରିବାର କ୍ଷମତା ଏହାର ମୂଲ୍ୟକୁ ଆହୁରି ବର୍ଦ୍ଧିତ କରାଇବ।

# ଅବାଧ ନିର୍ବାଚନ ପାଇଁ ପୁଲିସ ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ

**ଅନୁଗୋଳ, ୩୧।୩(ସମିସ):** ଅନୁଗୋଳ ଟାଉନ୍ ପୁଲିସ ପକ୍ଷରୁ ରବିବାର ଫ୍ଲାଗମାର୍ଚ୍ଚ କରାଯାଇଛି। ଚଳିତ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଓ ଅବାଧ କରିବା ପାଇଁ ଆଜି ଅପରାହ୍ନରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏ ଅବସରରେ ଅନୁଗୋଳ ଅଞ୍ଚଳର ବିଭିନ୍ନ ଦୋକାନ ବଜାର, ହୋଟେଲଗୁଡ଼ିକ ରାତି ୧୦ଟା ଭିତରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଷ୍ଠୀ ସଂଘର୍ଷ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ଫ୍ଲାଗମାର୍ଚ୍ଚର ମୁଖ୍ୟ ଉଦ୍ଦେଶ୍ୟ



ବୋଲି ଆଇଆଇସି ଧୀରେଶ କୁମାର ଦାସ କହିଛନ୍ତି। ଗୀତାଗ୍ରାମ, ଶିମିଳିପଡ଼ା, ପିଟିସି ହାଇସ୍କୁଲ, ଶିକ୍ଷକପଡ଼ା, ଟାଉନ୍ ହାଇସ୍କୁଲ, ଉତ୍ତରପଡ଼ା ସ୍କୁଲ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି ଫ୍ଲାଗମାର୍ଚ୍ଚରେ ଟାଉନ୍ ଥାନାର ସମସ୍ତ ଅଧିକାରୀ, ବିଏସଏଫ୍ ଯବାନଙ୍କ ସହିତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବଇଣ୍ଡା, ୩୧।୩(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଯଜ୍ଞେଶ୍ୱର ପ୍ରଧାନ ରବିବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଅସିତ କୁମାର ଜେନା, ହାଡ଼ିବନ୍ଧୁ ପ୍ରଧାନ, ଚନ୍ଦ୍ରଶେଖର ସିଂ, କାଳିଆ ସେଠୀ, ଅଞ୍ଜନ ପ୍ରଧାନ, ରବିନାରାୟଣ ବେହେରା, ତରଣୀ ଶେନ ସାହୁ, ମଧୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ। ଏଥିସହ ତାଙ୍କର ଏହି ମହାବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଚାକିରି ଜୀବନ ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଧରଣୀଧର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ନିର୍ବାଚନ ପାଇଁ ସ୍ୱିପ୍ ରଥ ଉଦ୍‌ଘାଟିତ




**ଅନୁଗୋଳ, ୩୧।୩(ସମିସ):** ସାଧାରଣ ନିର୍ବାଚନ -୨୦୨୪କୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲ୍ଲାରେ ଭୋଟଦାନ ପ୍ରତିଶତ ଅଧିକରୁ ଅଧିକ କରିବା ନିମନ୍ତେ 'ସ୍ୱିପ୍ ରଥକୁ ଜିଲ୍ଲାପାଳ ଅଦାଲ୍ ଏମ୍ ଅଖତର ସବୁଜ ପତାକା ଦେଖାଇ ଉଦଘାଟନ କରିଛନ୍ତି। ଏହି ରଥ ଅନୁଗୋଳ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି ଭୋଟଦାନ ସମ୍ପର୍କରେ ସଚେତନତାର ବାର୍ତ୍ତା ପହଞ୍ଚାଇବ। ଏହା ବ୍ୟତିତ ସ୍ୱିପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ଥିବା ଭୋଟରମାନଙ୍କୁ ମୁଖ୍ୟତଃ ଯୁବ, ମହିଳା ଓ ସହରାଞ୍ଚଳ ବାସିନ୍ଦାଙ୍କ ଭୋଟଦାନ ବଢ଼ାଇବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବାର ବ୍ୟବସ୍ଥା ରହିଛି। ଏଥିନିମନ୍ତେ ଜିଲ୍ଲାରେ ଥିବା ମହାବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭୋଟର ମହତ୍ୱକୁ ନେଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା, ପଥଉତ୍ସବ ଆୟୋଜନ କରିବା, ଜିଲ୍ଲାରେ ଥିବା ମୁଖ୍ୟ ଛକ ସ୍ଥାନରେ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ବସଷ୍ଟାଣ୍ଡ ଏବଂ ରେଳଷ୍ଟେସନ ଠାରେ ସେଲ୍ ପଏଣ୍ଟ ସ୍ଥାପନ ଓ ଦସ୍ତଖତ ଅଭିଯାନ ଆୟୋଜନ କରିବା ଇତ୍ୟାଦିର ବ୍ୟବସ୍ଥା ରହିଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ବିଶ୍ୱଭୂଷଣ ପ୍ରମୁଖ ଯୋଗ ଦେଇଥିଲେ।

# ତାଳଚେର ଥର୍ମାଲରେ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ତାଳଚେର, ୩୧।୩(ସମିସ):** ଏନଟିପିସି ତରଫରୁ ତାଳଚେର ଥର୍ମାଲ ଠାରେ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଯୁବକ, ଯୁବତୀମାନଙ୍କୁ ନେଇ ଏକ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ତଥା ଜିଲ୍ଲାସ୍ତରରୁ ଖେଳାଳିମାନେ ଯୋଗ ଦେଇ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ମ୍ୟାଚକୁ ଉଦଘାଟନ କରି ତାଳଚେର ଥର୍ମାଲ ପ୍ରକଳ୍ପର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଏନଟିପିସିର ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବବର୍ଗଙ୍କୁ ଖେଳରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ମାର୍ଗଦର୍ଶନ କରୁଥିବାର ପ୍ରକାଶ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସନ୍ଥପଡ଼ା ଓ ଛେଣ୍ଡିପଦାର ଟିମ୍ ଶୀର୍ଷରେ ରହିଥିବା ବେଳେ ଓ ଅନ୍ୟ ସମସ୍ତେ ଉତ୍ସାହର ସହ ଖେଳିଥିଲେ। ସମସ୍ତ ଖେଳାଳିଙ୍କୁ ଜର୍ସି ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳ ଟିମମାନଙ୍କୁ ନେଟ, ବଲ ଓ ଅନ୍ୟାନ୍ୟ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ମ୍ୟାଚ୍ ସମୟରେ ସ୍ଥାନୀୟ ସରପଞ୍ଚ ଓ ବହୁ ଦର୍ଶକ ଏହାକୁ ଉପଭୋଗ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରୁ ଜିଲ୍ଲା ଓ ରାଜ୍ୟ ସ୍ତରକୁ ଖେଳାଳିଙ୍କୁ ଚୟନ କରାଯାଇଥିଲା।

## ମଦ ଜବତ, ୨ ଗିରଫ

**ବଇଣ୍ଡା, ୩୧।୩(ସମିସ):** ଠାକୁରଗଡ଼ ପୁଲିସ ଗୁଣ୍ଡୁରୀ ଗ୍ରାମରେ ଚଢ଼ଉ କରି କୁମୁର ଭୋଇଙ୍କ ଘରୁ ୬୦ ପାଉଚ ମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବରେ ଘରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇଁ ପୁଲିସ ଚଢ଼ଉ କରିଥିଲା। ସେହିପରି ହଣ୍ଡପା ପୁଲିସ ବଇଣ୍ଡା ଅଞ୍ଚଳରୁ ଗାଁ ବଇଣ୍ଡା ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ଠାରୁ ୭ ଲିଟର ଚୋରା ମଦ ଜବତ କରି ତାଙ୍କୁ ଗିରଫ କରିଛି।

# ଥର୍ମାଲ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ




**ଥର୍ମାଲ, ୩୧।୩(ସମିସ):** ଥର୍ମାଲ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଏନଟିପିସି / ଟିଟି ପିଏସର ନିର୍ଦ୍ଦେଶକ ଅଧିକାରୀ ଗୌତମ ଦେବ, ସମ୍ମାନିତ ଅତିଥି ଭାବରେ ଏନଟିପିସି ସାଗରିକା ମହିଳା ମଣ୍ଡଳରର ସଭାପତି ବିପାସା ଦେବ, ଉପ-ମହାପାବନ୍ଧକ, ମାନବ ସମ୍ବଳ ରୋହିତ କୁମାର, ମାନବ ସମ୍ବଳ ଅଧିକାରୀ ସକିଲ ଅହମଦ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ଼ ସୁରେନ୍ଦ୍ର କୁମାର ଭୋଇ, ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଡ଼ ସମୀର କାନୁନଗୋ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ପରେ ପରେ ଛାତ୍ରଛାତ୍ରୀମାନେ ଚିତାକର୍ଷକ ନୃତ୍ୟ ସହ ସଂଗୀତ ଓ ଏକକ ନାଟ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରକାର କ୍ରୀଡ଼ା ଓ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସ୍କୁଲର ଶିକ୍ଷକ ରବୀନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

# ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ରକ୍ତଦାନ ଶିବିର

**ଅନୁଗୋଳ, ୩୧।୩(ସମିସ):** ଓପି ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କ ୧୯ତମ ପୁଣ୍ୟତିଥି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ଅନୁଗୋଳ ପକ୍ଷରୁ ଏକାଧିକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନ୍ୟର ଜୀବନ ବଞ୍ଚାଇବା ଭଳି ମହତ୍ କାର୍ଯ୍ୟ ଆୟୋଜନ କରାଯାଇଥିଲା।

## ୭୦୩ ୟୁନିଟ୍ ରକ୍ତ ସଂଗୃହୀତ






ଏହି ଅବସରରେ ସମାଜ ତଥା ଷ୍ଟିଲ ଉଦ୍ୟୋଗ ପ୍ରତି ଓପି ଜିନ୍ଦଲଙ୍କ ସମର୍ପିତ ପ୍ରୟାସକୁ ମନେପକାଇ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏହି ରକ୍ତଦାନ ଶିବିରରେ ମୋଟ ୭୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମାଲହାନଙ୍କ ନେତୃତ୍ୱରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିବା ସାଙ୍ଗକୁ ଏହି ମହାନ ଆତ୍ମାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟାବଳୀର ସ୍ମରଣ କରିଥିଲେ। ଏହି ଅବସରରେ ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ସୋସିଆଲ ମିଡିଆ ବାର୍ତ୍ତାରେ ତାଙ୍କ ପିତା ଶ୍ରୀ ଓପି ଜିନ୍ଦଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ତାଙ୍କ ପିତାଙ୍କ ଜୀବନ ଯାତ୍ରା ତାଙ୍କ ପାଇଁ ଏକ ପୁସ୍ତକ ଯାହାକୁ ସେ ପ୍ରତିଦିନ ପଢ଼ିବାକୁ ପସନ୍ଦ କରନ୍ତି ଏବଂ ସେଥିରୁ ସେ ଶିକ୍ଷା ଲାଭ କରିଥାନ୍ତି। ଏହି ଅବସରରେ ପଙ୍କଜ ମାଲହାନ କହିଛନ୍ତି, ଜେଏସପିର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କ ମାର୍ଗ ଦର୍ଶନ ଆମକୁ ସର୍ବଦା ସମାଜ ସେବା କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ। ଶିବିରର ସଫଳତା ପାଇଁ ମୁଁ ଜେଏସପି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛି। ଏହି ମେଗା ରକ୍ତଦାନ ଶିବିରରେ ରକ୍ତଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରଣା ଦେବା ପାଇଁ ଦାମୋଦର ମିତ୍ତଲ ଏକ ଉଦାହରଣ ସୃଷ୍ଟି କରିଥିଲେ। ଏହି ଅବସରରେ ଜେଏସପି ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଜରାଶ୍ରମ, ଗୋଶାଳା, ମାନବ ସେବାଶ୍ରମ ଏବଂ ବିଭିନ୍ନ ଭିନ୍ନକ୍ଷମ ଶିଶୁ ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିନ୍ଦଲ ମହିଳା ସମିତି ପକ୍ଷରୁ ଅନିତା ମିତ୍ତଲଙ୍କ ସହ ଅନ୍ୟ ସମିତି ସଦସ୍ୟା ଓ କମ୍ପାନୀର ବିଭିନ୍ନ ଅଧିକାରୀ ଏହି ସବୁ କାର୍ଯ୍ୟରେ ସାମିଲ ଥିଲେ। ଏହି ଅବସରରେ ଜେଏସପି ଫାଉଣ୍ଡେସନ ଏବଂ ରେଡକ୍ରସ ବ୍ଲଡ ବ୍ୟାଙ୍କ, ଅନୁଗୋଳ, ଆଠମଲ୍ଲିକ, ତାଳଚେର ଓ ବୁର୍ଲାର ସହଯୋଗ କ୍ରମେ ପାଞ୍ଚଟି ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଦେବଭୂମି ମନ୍ଦିର ଏବଂ ଜିନ୍ଦଲ ନଗରରେ ଅଖଣ୍ଡ ରାମାୟଣ ପାଠ, ପୂଜା ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା।

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ସ୍ୱ ସୁଭାଷ ଚନ୍ଦ୍ର ପରିଡା
ଆବିର୍ଭାବ : ୨୨.୦୮.୧୯୪୭
ତିରୋଧାନ : ୨୨.୦୩.୨୦୨୪
ମନାପଡା, ଗୋପ, ପୁରୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣାବିନ୍ଦରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-: ଶୋକସନ୍ତପ୍ତ :-
ପୁତ୍ର, ପୁତ୍ର ବଧୂ, ବନ୍ଧୁ ଓ ପରିବାରବର୍ଗ

## ଶ୍ୟାମାଚରଣପୁର ବିକାଶ ସମିତିର ପଞ୍ଚୁଦୋଳ ଉତ୍ସବ



**ଢେଙ୍କାନାଳ, ୩୧।୩ (ସମିସ):** ସ୍ଥାନୀୟ ଶ୍ୟାମାଚରଣପୁର ବିକାଶ ସମିତି ଆନୁକୂଲ୍ୟରେ ପଞ୍ଚୁଦୋଳ ଧୁମ୍ଧାମ୍ ସହକାରେ ପାଳିତ ହୋଇଯାଇଛି। ଶ୍ୟାମାଚରଣପୁର ବିକାଶ ସମିତିର ସଭାପତି ଯୋଗୀନାଥ ମହାନ୍ତିଙ୍କ ପୌରୋହିତ୍ୟରେ ସମ୍ପାଦକ ପ୍ରସନ୍ନ କୁମାର ସାହୁ, ସହ-ସମ୍ପାଦକ ସ୍ୱର୍ଣ୍ଣଭାନୁ ଦାସ, ବରିଷ୍ଠ ସଭ୍ୟ ଅରୁଣ ମହାନ୍ତି, ସୁରେଶ ଜେନା, ଶ୍ୟାମ ତ୍ରିପାଠୀ, ବଂଶୀଧର ସ୍ୱାଇଁ, କୁଳମଣି ସାହୁ, ରୁଚିର ମିଶ୍ର, ବୈଦ୍ୟନାଥ ସେନାପତି, ଦେବାଶିଷ ତ୍ରିପାଠୀ, ମାନସ ପଣ୍ଡା ପ୍ରମୁଖ ସହଯୋଗ କରି ଦାୟିତ୍ୱ ନିର୍ବାହ କରିଥିଲେ। ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ବିମାନଗୁଡିକ ଉମାଶଙ୍କର ତ୍ରିପାଠୀ, ପ୍ରମୋଦ ଦାଶ ଓ ରଞ୍ଜନ କୁମାର ଦାସଙ୍କ ସହଭାଗିତା ଓ ସହଯୋଗରେ ଠାକୁରମାନେ ସଂକୀର୍ତ୍ତନ, ଘଣ୍ଟିଘଣ୍ଟା ବଜାଇ ଶ୍ୟାମାଚରଣପୁର ଘର ଘର ବୁଲି ଭୋଗ କାଇଥିଲେ। ଗତ ୩୦ ତାରିଖରେ ଶନିବାର ପଞ୍ଚୁଦୋଳ ମେଲଣ ପଡ଼ିଆରେ ସବୁ ବିମାନ ଏକାଠି ହୋଇ ସଂକୀର୍ତ୍ତନ, ଲଉଡ଼ିବାଡି ଖେଳ, ଘଁଟା, ଘଣ୍ଟ ଓ ଆତସବାଜି କରି ଗ୍ରାମ ଦେବତୀ ସୁନ୍ଦରସୁଣୀ ମନ୍ଦିର ପର୍ଯ୍ୟନ୍ତ ଧୁମଧାମରେ ଯାଇ ଫେରି ମେଲଣ ପଡ଼ିଆରେ ବିଜେ କରିଥିଲେ। ଅନୁଷ୍ଠାନ ତରଫରୁ ଢେଙ୍କାନାଳର ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାୟ ୧୦୦୦ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ବିଭିନ୍ନ ଗ୍ରାମରେ ପଞ୍ଚୁଦୋଳ ଉତ୍ସବ ପାଳିତ

**କଣିହାଁ ୩୧।୩(ସମିସ):** କଣିହା ବ୍ଲକର ବିଭିନ୍ନ ଗ୍ରାମରେ ରବିବାର ମହାସମାରୋହରେ ରାଧକୃଷ୍ଣଙ୍କ ପଞ୍ଚୁଦୋଳ ଉତ୍ସବ ପାଳିତ ହୋଇଯାଇଛି। କଣିହାଁ ବ୍ଲକର ସରଧାପୁର, ଗହମ, କୁଲୁମା, ଭାଲିଆବେଡ଼ା, ଚାଙ୍ଗୁଡ଼ିଆ, ଜରଡ଼ା ଗ୍ରାମ ଅପରାହ୍ନରୁ ଚଳଚଞ୍ଚଳ ହୋଇଥିଲା। ବିରାଟ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ବିମାନଙ୍କୁ ବାଜା, ବାଣ, ଲଉଡ଼ିଖେଳ, ଫୁଲ, ତରାଶ, ଘଣ୍ଟବାଦ୍ୟ, ନାମ ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରାଯାଇ ଦୋଳ ମଣ୍ଡପକୁ ଅଣାଯାଇଥିଲା। ଉଠା ଦୋକାନୀଙ୍କ ପସରା ସହିତ ଯାତ୍ରା ଦେଖିବାକୁ ଜନ ସମାଗମ ହୋଇଥିଲା। ବିଭିନ୍ନ ଗ୍ରାମ୍ୟ କମିଟି ତରଫରୁ ରାତ୍ରିରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶରଧାପୁର ଗ୍ରାମରେ ଉତ୍ସବକୁ ନେଇ ବାଦିବାହାଳ, ଡ଼ଙ୍ଗାପାଳ, ରଜଡଙ୍ଗ ଗ୍ରାମର ଲଉଡ଼ି ଦଳ ସହିତ ଅନ୍ୟାନ୍ୟ ଗ୍ରାମର ଘଣ୍ଟବାଦ୍ୟ, ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରାତ୍ରିରେ ଏକ ନାଟ୍ୟ ଅନୁଷ୍ଠାନ ତରଫରୁ ଯାତ୍ରା ପରିବେଷଣ ହୋଇଥିଲା। ସେହିପରି ଜରଡ଼ା ଗ୍ରାମ ଉତ୍ସବକୁ ନେଇ ରଙ୍ଗୀନ ଆଲୋକ ସାଜସଜା, ରାଧାକୃଷ୍ଣଙ୍କ ବିମାନ ପଟୁଆର ଆକର୍ଷଣୀୟ ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଏକ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନ ତରଫରୁ ନାଟକ ପରିବେଷଣ ଚାଲିଛି। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ରହିଥଲେ।



## ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ



**ଢେଙ୍କାନାଳ, ୩୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ମତପ୍ରକାଶ କରାଯାଇଛି। ଢେଙ୍କାନାଳ-କଟକ ସୀମାନ୍ତ ବନଦୁର୍ଗା ମା' ମଲ୍ଲିକେଶ୍ୱରୀଙ୍କ ପୀଠରେ ଆୟୋଜିତ ବାର୍ଷିକ ସମ୍ମିଳନୀରେ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଅଧ୍ୟକ୍ଷତା କରିଥିଲେ। ଆରମ୍ଭରେ ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଦିଆଯାଇ ମା'ଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଶିଷ୍ଟ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ସମାଜସେବୀ ରାମଚନ୍ଦ୍ର ପାତ୍ର, ନନ୍ଦିନୀ ଦେବୀ ମେମୋରିଆଲ୍ ଟ୍ରଷ୍ଟର ଅଧ୍ୟକ୍ଷ ସୁପର୍ଣ୍ଣୋ ଶତପଥୀ, ଭୁବନେଶ୍ୱରସ୍ଥିତ ଢେଙ୍କାନାଳ ସଂସ୍କୃତି ସମିତିର ସଭାପତି ସୌରେନ୍ଦ୍ର ମହାପାତ୍ର ଓ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, ବଳଦିଆବନ୍ଧର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ଜେନା, ନଡ଼ିଆଳୀର ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ ଓ ପରିଷଦର ଉପସଭାପତି ଅଖିଳ ମହାପାତ୍ର ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଘୋଷିତ ଆକାଂକ୍ଷୀ ଜିଲ୍ଲାରେ ତୁରନ୍ତ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କରିବା, ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଖୋଲିବା, ମହାରାଜ ଭଗିରଥଙ୍କ ନାମରେ ଢେଙ୍କାନାଳରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଯୋରନ୍ଦା ରୋଡ୍ ଷ୍ଟେସନ୍ ଠାରୁ ମହିମାଗାଦି ଯୋରନ୍ଦା ଓ ବାଜି ରାଉତଙ୍କ ଜନ୍ମମାଟି ନୀଳକଣ୍ଠପୁର ଦେଇ ଭୁବନ ଠାରେ ଅନୁଗୋଳ-ସୁକିନ୍ଦା ରେଳପଥ ସହ ସଂଯୋଗ କରାଯିବା, ଆଠଗଡ଼ ଘଣ୍ଟିଖାଲ ଷ୍ଟେସନ୍ ଠାରୁ ଆଠଗଡ଼ ଟାଉନ୍-ଶଙ୍କରପୁର-ଭାପୁର-ରାସୋଲ-ପାଞ୍ଚମାଇଲ୍ ଛକ-ହିନ୍ଦୋଳ ଟାଉନ୍ ଓ ଫୁଲପଡ଼ା ଦେଇ ଅନୁଗୁଳକୁ ରେଳ ସଂଯୋଗୀକରଣ କରିବା, ପୁରୁଣା କଟକ-ସମ୍ବଲପୁର ରାସ୍ତାକୁ ଚାରିଲେନ୍ ବିଶିଷ୍ଟ କରିବା, ଅନୁଗୁଳରୁ ତାଳଚେର-ଢେଙ୍କାନାଳ-ନିର୍ଗୁଣ୍ଡି ଦେଇ କୋଲକତାକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଇବା ଓ ଢେଙ୍କାନାଳ ଜିଲ୍ଲାକୁ ଉତରାଞ୍ଚଳ ପରିବର୍ତ୍ତେ କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅଧିନକୁ ଅଣାଯିବା ଆଦି ପ୍ରସ୍ତାବ ସମ୍ମିଳନୀରେ ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଏହାକୁ ନେଇ ରାଜ୍ୟ ଓ କେନ୍ଦ୍ର ସ୍ତରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପରିଷଦ ପକ୍ଷରୁ ସହମତି ପ୍ରକାଶ ପାଇଥିଲା। ସମାବେଶରେ କ୍ଷେତ୍ରବାସୀ ସାହୁ, ସୁଶିଲ୍ ରାଉତ, ଅଶୋକ କୁମାର ନନ୍ଦ, ଯୁଗଳ କିଶୋର ରାଉତ, ପ୍ରେମ ଶଙ୍କର ମିଶ୍ର, ଅଜିତାନନ୍ଦ ବିହାରୀ, ଇଂ. ଫକୀର ମୋହନ ସାହୁ, ସୁଶାନ୍ତ ଜେନା, ପ୍ରବୀଣ ଜେନା, ମହୀନ୍ଦ୍ର ସାହୁ, ସୁଧାକର ବେହେରା, ସଦାନନ୍ଦ ସାହୁ, ଟୁକୁନା ସେଠୀ, ମଳୟ ସାହୁ, ନରୋତ୍ତମ ସାହୁ ଓ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




**ଭୁବନ ୩୧।୩(ସମିସ):** ଏଜେପି ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକଙ୍କୁ ବିଦାୟ ଦେବା ସମୟରେ ଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ବତନ ଛାତ୍ରଛାତ୍ରୀଙ୍କ ସମେତ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଯାଇଥିଲେ। ଭୁବନ ବ୍ଲକ ଅରଖପାଳ ପଞ୍ଚାୟତ ଖୁରୁସିଆ ଗ୍ରାମରେ ଥିବା ଏଜେପି ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକ ଅରୁଣ କୁମାର ତ୍ରିପାଠିଙ୍କ ଅବସରକୁ ବେଶ ଧୁମଧାମରେ ପୁରାତନ ଛାତ୍ର ସଂସଦ ତରଫରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାୟାଧର ବେହେରା ସଭାପତିତ୍ୱ କରିଥିବା ବଳେ ପୁରାତନ ଛାତ୍ର ସଂଘ ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓଷ୍ଟାର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାସ, ଯୁଗ୍ମ ସମ୍ପାଦକ ବ୍ରଜମୋହନ ବିଶ୍ୱାଳ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଜିଲ୍ଲା ସମ୍ପାଦକ ବିଭୂତି ଭୂଷଣ ସାମଲ ପୂର୍ବତନ ସରପଞ୍ଚ ଭାସ୍କର ସାହୁ, ଶ୍ରୀକାନ୍ତ ମିଶ୍ର, ଗଦାଧର ମିଶ୍ର ଦିଲ୍ଲୀପ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ହରେକୃଷ୍ଣ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁରେଶ ପରିଡ଼ା, ଅମୂଲ୍ୟ ଆଚାର୍ଯ୍ୟ, ରାଧେଶ୍ୟାମ ମଲ୍ଲିକ, ମୂରଲୀଧର ଖଣ୍ଡାଇଙ୍କ ସହ ପୁରାତନ ବିଦ୍ୟାର୍ଥୀ ରୋହିତ ବରାଳ, ଗଗନ ସ୍ୱାଇଁ.ମନୋଜ ଦାସ, ପ୍ରଦୀପ ସ୍ୱାଇଁ, ବାବୁଲି ସାହୁ, ସୁନୀତା ମିଶ୍ର, ରୋଜାଲିନ ନାୟକ, ବିଶ୍ୱନାଥ ଖୁଣ୍ଟିଆ ସକ୍ରିୟ ସହଯୋଗ କରିଥିଲେ। ବିଦ୍ୟାଳୟର ୩୩ଟି ବ୍ୟାଚର ବିଦ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଏନ୍‌ଟିପିସି ଥାନା ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**କଣିହାଁ, ୩୧।୩(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳ, ଅବାଧ ନିରପେକ୍ଷ ପାଇଁ କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପୁଲିସ୍ ପକ୍ଷରୁ ରବିବାର ଫ୍ଲାଗ୍ମାର୍ଚ୍ଚ କରାଯାଇଥିଲା। ଆଜି



ଅପରାହ୍ଣରେ ଏନ୍‌ଟିପିସି ଥାନା ଆଇଆଇସି ସନ୍ତୋଷ କୁମାର ସେଠିଙ୍କ ନେତୃତ୍ୱରେ ଭିମକାଣ୍ଡ, ଆମ୍ବପାଳ, କାଣ୍ଡଶର, ବିଜିଗୋଳ, ଏନ୍‌ଟିପିସି ମାର୍କେଟ୍ ଇଲାକାରେ ପୁଲିସ୍ ଫ୍ଲାଗ୍ମାର୍ଚ୍ଚ କରିଥିଲା। ସେହିପରି ଥାନା ପକ୍ଷରୁ ସଂଧ୍ୟାରେ ବିଭିନ୍ନ ସମ୍ବେଦନଶିଳ ସ୍ଥାନରେ ନାକାବନ୍ଦୀ କରାଯାଇ ତନଖି ଚଲାଇଛି ପୁଲିସ୍। ସେହିପରି ପୁରୁଣା ୱାରେଣ୍ଟି ଏବଂ ବିଭିନ୍ନ ଅପରାଧରେ ଜଡିତ ଅଭିଯୁକ୍ତମାନଙ୍କ ଗତିବିଧି ଉପରେ ପୁଲିସ୍ ତୀକ୍ଷ୍ଣ ନଜୀର ରଖିଥିବା ଜଣାଯାଇଛି।

## ୧୯୮୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**କିଶୋରନଗର, ୩୧।୩(ସମିସ):** କିଶୋରନଗର ବ୍ଲକ ବାମୁର ହାଟତୋଟା ନିକଟରେ ଆଜି କିଶୋରନଗର ହାଇସ୍କୁଲର ୧୯୮୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀ ଗୀତାଞ୍ଜଳି ଶତପଥୀ, ତରଙ୍ଗୀଣୀ ଦାଶ, ମେଧାବିନୀ ଦାଶ, କୌଶଲ୍ୟା ମେହେର, ରତ୍ନମଞ୍ଜରୀ ପ୍ରଧାନ, ସତ୍ୟବତୀ ପ୍ରଧାନ, ବିଜୟିନୀ ସାହୁ, ରାଜେଶ୍ୱରୀ ବାରିକ୍



ପୁରାତନ ଛାତ୍ର, ସତ୍ୟାନନ୍ଦ ପ୍ରଧାନ, ଦିଲୀପ ଦେହୁରୀ, ଦିଲୀପ ରଣା, ପ୍ରଦୀପ ଶତପଥୀ, ପ୍ରଦୀପ ମହାନ୍ତୀ, ବାବୁଲାଲ ପ୍ରଧାନ, ସୁଶାନ୍ତ ପ୍ରଧାନ, ବିଜୟ ନାୟକ, ଆଲୋକ ମିଶ୍ର, ଅରବିନ୍ଦ ପ୍ରଧାନ, ସୁଶାନ୍ତ ପ୍ରଧାନ, ଶୁକ୍ର ସାହୁ, ଗଗନ ବିହାରୀ ସାହୁ, ନରୋତ୍ତମ ସାହୁ, ଭବାନୀ ଶଙ୍କର ପ୍ରଧାନ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ବିଷ୍ଣୁୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ମୃତଦେହ ଉଦ୍ଧାର

**ବଇଣ୍ଡା, ୩୧।୩(ସମିସ):** ଠାକୁରଗଡ଼ ଥାନା କୁତୁଲିସିଙ୍ଗା ଗ୍ରାମର ଶିକ୍ଷକ ଶୁକଦେବ ନାୟକ (୫୦)ଙ୍କ ମୃତଦେହ ରବିବାର ଠାକୁରଗଡ଼ ପୁଲିସ ଉଦ୍ଧାର କରିଛି। ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୁଲିସ କହିଛି ଯେ, ସେ ତାଙ୍କ ଲାଟିନ ଘରେ ରସି ଲଗାଇ ଦେଇଥିଲେ। ରବିବାର ସକାଳେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ତାଙ୍କ ପରିବାର ଲୋକ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି। ଆତ୍ମହତ୍ୟା କାରଣ ଜଣାପଡି ନଥିବା ବେଳେ ପୁଲିସ ଏକ ଅପମୃତ ମାମଲା ରୁଜୁ କରିଛି।

## କୃଷକ ନ୍ୟାୟ ଗ୍ୟାରେଣ୍ଟି କାର୍ଡ

**ଢେଙ୍କାନାଳ, ୩୧।୩ (ସମିସ) :** ଅଖିଳ ଭାରତ କଂଗ୍ରେସ୍ କମିଟି ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକଙ୍କ ଅବସ୍ଥାକୁ ସୁଧାରିବା ପାଇଁ କୃଷକ ନ୍ୟାୟ ଗ୍ୟାରେଣ୍ଟି କାର୍ଡ ପ୍ରଚଳନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କୃଷକ ସେଲ୍ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ପ୍ରଚାରପ୍ରସାର କରାଉଛନ୍ତି। ଏ ନେଇ ଗାନ୍ଧୀ ମନ୍ଦିରଠାରେ ସୁନିଲ୍ ଦାସଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା କୃଷକ ସେଲ୍‌ର ଅଧ୍ୟକ୍ଷ ବିପ୍ରବର ସାହୁଙ୍କ ସହଯୋଗିତାରେ କୃଷକ ନ୍ୟାୟ ଗ୍ୟାରେଣ୍ଟି କାର୍ଡ ସମ୍ପର୍କରେ ସାମ୍ବାଦିକଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ। ତା ପୂର୍ବରୁ ସି.ଜେ.ଆଇଙ୍କ ଆଭିମୁଖ୍ୟ ଓ ବିଜେପିର ଆକ୍ରୋଶ ମୂଳକ ଚିନ୍ତାଧାରା ସମ୍ପର୍କରେ ଜିଲ୍ଲା କଂଗ୍ରେସ କମିଟି ମୁଖପାତ୍ର ଡକ୍ଟର ତୁଷାରକାନ୍ତି ନାୟକ ଆଲୋଚନା କରିଥିଲେ। ପିପିସି ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ମହାପାତ୍ର, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଜିଲ୍ଲା ଉପସଭାପତି ବେଣୁଧର ସାହୁ, ରୁଦ୍ରନାରାୟଣ ଶରଣ, ଚିନା ବେଗମ୍ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର ବୈଠକ

**କଣିହାଁ, ୩୧।୩(ସମିସ):** କଣିହା ବ୍ଲକ ଜରଡା ପଞ୍ଚାୟତ ଅନ୍ତର୍ଗତ ମାଳପଶି ନୀଳକଣ୍ଠେଶ୍ୱର ମନ୍ଦିର ନିକଟସ୍ଥ ଆମ୍ବତୋଟାରେ ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘ ପକ୍ଷରୁ ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତି ମାୟାଧର ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସଂଗ୍ରାମ ରାଜରାଜ ସିଂ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଦାସ, ନାରୀନେତ୍ରୀ ପଦ୍ମାକ୍ଷୀ ସିଂ, ଅନ୍ୟତମ ଅତିଥି ଭାବେ ସମିତି ସଭ୍ୟା ଦୀପ୍ତିମୟୀ ମହାନ୍ତି, ରଣଜିତ୍ ସାମଲ ବ୍ଲକର କ୍ଷତ୍ରିୟ ସମାଜ ସମ୍ପାଦକ ଅଙ୍ଗଦ ସାମଲ ଯୋଗଦେଇଥିଲେ। କଣିହା ବ୍ଲକର ବିଭିନ୍ନ ପଞ୍ଚାୟତର କ୍ଷତ୍ରିୟ ସମାଜର କାର୍ଯ୍ୟକର୍ତ୍ତା ରାଜ୍ୟ ସଂଗଠନ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ କ୍ଷତ୍ରିୟ ସମାଜର କଳା ସଂସ୍କୃତିକୁ ପୁନଃବିକାଶ କରିବା ପାଇଁ ଆଲୋଚନା କରାଯାଇଥିଲା। ଆମ ସମାଜ ଗଠନ ପାଇଁ ଆମେ ସମସ୍ତେ ଏକତା ହେଲେ ସାମାଜିକ ସଂଗଠନ ହୋଇ ପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜରଡା ପଞ୍ଚାୟତର କ୍ଷତ୍ରିୟ ସମାଜର ଗୁଣ୍ଡୁରିନାଳୀ ଜମାନିଆଁ ଅଦୈତପ୍ରସାଦ ଗୋଇଲାଣ୍ଡ ଗ୍ରାମର କାର୍ଯ୍ୟକର୍ତ୍ତା ଆୟୋଜକ ଭାବେ କାର୍ଯ୍ୟକ୍ରମକୁ ନିର୍ବାହ କରିଥିଲେ।



ଉପଦେଷ୍ଟା ଡିଲେଶ୍ୱର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ରଜବନ୍ଧୁ ସାମଲ, ବାଙ୍କନିଧି ସାମଲ, ଅକ୍ଷୟ ସାମଲ, ଅମୂଲ୍ୟ ସାମଲ, ସତ୍ୟାନନ୍ଦ ସାମଲ, ପ୍ରାଣବନ୍ଧୁ ଗଡନାୟକ, ଲୋଚନ ସାମଲ, ଭୀମସେନ ସାମଲ, ରୁଦ୍ର ମୋହନ ସାମଲ, ପବିତ୍ର ସାମଲ, ସୁଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଢେଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବୈଠକ



**ଢେଙ୍କାନାଳ, ୩୧।୩ (ସମିସ) :** ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ନିର୍ବାଚନ ଭିତ୍ତିକ ସାଧାରଣ ସଭା, ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ସଭାଗୃହରେ ସଭାପତି ପ୍ରହଲାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରୀ ଜଗନ୍ନାଥଙ୍କ ଆଳତୀ ସହ ଶାନ୍ତିମନ୍ତ୍ର ପାଠ କରାଯାଇଥିଲା। ଦିବଂଗତ ସଦସ୍ୟ ତଥା ମଞ୍ଚର ପୂର୍ବତନ ସଭାପତି ବିରଜା କୁମାର ତ୍ରିପାଠୀ ଏବଂ ସଦସ୍ୟ ଡଃ ଶିଶିର କୁମାର ଶତପଥୀଙ୍କ ଅମର ଆତ୍ମାର ସଦ୍ଗତି ଏବଂ ଶାନ୍ତି ନିମିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭିକାରୀ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ମଞ୍ଚର ନିମ୍ନଲିଖିତ କର୍ମକର୍ତ୍ତାମାନଙ୍କୁ ନିର୍ବାଚନ କରାଗଲା। ଉପଦେଷ୍ଟା ଭାବେ ବିଧୁଭୂଷଣ ନନ୍ଦ, ପ୍ରମୋଦ କୁମାର ମିଶ୍ର, ପୀତବାସ ଷଡଙ୍ଗୀ, ଇନ୍ଦ୍ରମଣି ନାୟକ, ଡଃ ନିଲମ୍ କୁମାରୀ ମିଶ୍ର, ସଭାପତି ଭାବେ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଭାବେ ବସନ୍ତ କୁମାର ପଟ୍ଟନାୟକ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଓ ଡଃ ପ୍ରକାଶ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ କୃଷ୍ଣ ମୋହନ ସାହୁ, ଯୁଗ୍ମ ସମ୍ପାଦକ ଭାବେ ଭ୍ରମରବର ଦଳାଇ, ବୈକୁଣ୍ଠ ନାଥ ବେହେରା ଓ ସର୍ବେଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ଶତପଥୀ ଏବଂ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଭାବେ ତରୁଣ କୁମାର ବିଶ୍ୱାଳ, କୈଳାସ ଚନ୍ଦ୍ର ପଟ୍ଟନାୟକ, ଉପେନ୍ଦ୍ର କୁମାର ରାଉତ, ପ୍ରତାପ ଚନ୍ଦ୍ର ପତି ଓ ରବି ନାରାୟଣ ପଟ୍ଟନାୟକ ପ୍ରମୁଖ ନବ ନିର୍ବାଚିତ କର୍ମକର୍ତାମାନଙ୍କୁ ନିର୍ବାଚନ ଅଧିକାରୀ ଶ୍ରୀ ରାଉତ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

## ଜଳଛତ୍ର ନାହିଁ, ପଥଚାରୀ ହନ୍ତସନ୍ତ

**ଭୁବନ ୩୧।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ତଥା ଜିଲ୍ଲାରେ ହଠାତ ତାପମାତ୍ରା ବୃଦ୍ଧି ସହିତ ଅସହ୍ୟ ଖରା ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ରାସ୍ତାରେ ଯାଉଥିବା ପଥଚାରୀ ଏବଂ ଲୋକଙ୍କ ପାଇଁ କୌଣସି ସ୍ଥାନରେ ଜଳଛତ୍ର ନଥିବାରୁ ନାହିଁନ୍ ଥିବା ଅସୁବିଧା ସୃଷ୍ଟି ହେଉଛି। କିଛି ଦିନ ମଧ୍ୟରେ ଜିଲ୍ଲାର ତାପମାତ୍ର ବୃଦ୍ଧି ପାଇବା ଯୋଗୁ ଜିଲ୍ଲାର ଅସହ୍ୟ ଗୁଳୁଗୁଳି ଓ ଗରମ ପରିଲକ୍ଷିତ ହେଉଛି। ଫଳରେ ସକାଳ ୧୦ଟାରୁ ଘରୁ ବାହାରିବା କଷ୍ଟକର ହୋଇ ପଡୁଛି। ମାର୍ଚ୍ଚ ମାସ ଶେଷ ନ ହେଉନୁ ପାରଦ ୪୦ ଛୁଇଁବାକୁ ବସିଥିବା ବେଳେ ଅପରାହ୍ନରେ ସହର ପ୍ରାୟ ଜନଶୂନ୍ୟ ହୋଇଯାଇଛି। ଖରା ଓ ଅଂଶୁଘାତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକକୁ ସଚେତନ କରିଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ନିଆଯାଇ ନଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ବର୍ଷା ଲାଗିରହିବାରୁ ଗରମ ଅନୁଭୂତ ହେଉ ନଥିଲା। ଏବେ ୨ରୁ ୩ ଦିନ ହେବ ପାରଦ ବଢ଼ି ବଢ଼ି ୩୯ ଡିଗ୍ରୀ ଛୁଇଁଛି। ନିର୍ବାଚନ ଆସୁଥିବାରୁ ପ୍ରଶାସନ ସେଥିରେ ବ୍ୟସ୍ତ। ଏ ନେଇ ଦୃଷ୍ଟି ଦେଇ ନଥିବା କୁହାଯାଉଛି। ତାପମାତ୍ରକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗୋଟିଏ ବି ସ୍ଥାନରେ ଜଳଛତ୍ର ଖୋଲାଯାଇନାହିଁ। ସହରର ମୁଖ୍ୟ ସ୍ଥାନ ରଗଡ଼ିଛକ, ବସଷ୍ଟାଣ୍ଡ, କାଳି ବଜାର, ତହସିଲ କାର୍ଯ୍ୟାଳୟ ସମ୍ମୁଖ, ଲକ୍ଷ୍ମୀ ବଜାର, ଲକ୍ଷ୍ମୀ ବସଷ୍ଟାଣ୍ଡ, ଥାନା ଛକ ଆଦି ସ୍ଥାନରେ ଲୋକଗହଳିକୁ ଦେଖି ଜଳଛତ୍ର ବ୍ୟବସ୍ଥା କରାଯିବା ଉଚିତ୍। ଗତ ବର୍ଷ ଏହି ଭଳି ସହରର କେତେ ଗୁଡ଼ିଏ ସ୍ଥାନରେ ଜଳ ଛତ୍ର ଖୋଲା ଯାଇ ଦୈନିକ ୧୦ଗ୍ୟାଲନ ପାଣି ବଣ୍ଟନ ହେଉଥିଲା। ଚଳିତ ବର୍ଷ ୧୯ଟି ସ୍ଥାନରେ ବ୍ରାହ୍ମଣୀ ଥଣ୍ଡା ପାନୀୟ ପଏଣ୍ଟ ଖୋଲା ଯାଇଛି। ହେଲେ ଏହି ଜନ ଗହଳି ସ୍ଥାନରେ ପିଇବାକୁ ପାଣି ଟୋପେ ମିଳୁନି। ତଥାପି ଜନ ଗହଳି ହେଉଥିବା ଷ୍ଟେଟ ବ୍ୟାଙ୍କ, କାନାରା ବ୍ୟାଙ୍କ ଏଚ ଡି ଏଫ୍ ସି ବ୍ୟାଙ୍କ୍ ପକ୍ଷରୁ ଆବଶ୍ୟକ ସ୍ଥାନରେ ଜଳଛତ୍ର ଖୋଲା ଯିବାକୁ ସାଧାରଣରେ ଦାବି ହେଉଛି। ଲୋକଙ୍କୁ ଥଣ୍ଡା ପାଣି ମୁନ୍ଦେ ଦେବା ପାଇଁ ନିକାଞ୍ଚନ ସ୍ଥାନ ଭୁବନ ଥାନା ସମ୍ମୁଖରେ ଥଣ୍ଡା ପାନୀୟ ପଏଣ୍ଟ ଟିଏ ଖୋଲା ଯାଇଛି। କିନ୍ତୁ ଉଦଘାଟନ ଦିନ ଠାରୁ ଅଚଳ ହୋଇ ପଡ଼ିଛି। ସେଥି ପ୍ରତି କାହାର ବି ଦୃଷ୍ଟି ନାହିଁ। ପାରଦ ମାତ୍ର ଦିନକୁ ଦିନ ବୃଦ୍ଧି ପାଉଛି ହେଲେ ନିର୍ବାଚିତ ପ୍ରତିନିଧିଙ୍କ ପାରଦ ବୃଦ୍ଧି ପାଉନି କେମିତି। ଜନ ପ୍ରତିନିଧି ନିର୍ବାଚନରେ ବ୍ୟସ୍ତ ଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ନିଦ ଭାଙ୍ଗୁନି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ନାଗରିକ ଜନ ସ୍ୱାର୍ଥ ଟ୍ରଷ୍ଟର ଅଧ୍ୟକ୍ଷ ରଥ ସେଠୀ। ଏନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ପକ୍ଷ ରୁ ଭୂଷଳ ରେ ଜଳ ଛତ୍ର ଖୋଲାଯାଇଛି। ପାରଦ ବୃଦ୍ଧିକୁ ଦୃଷ୍ଟିରେ ରଖି ବୋଲବମ ଶିବ ଶକ୍ତି ସେବା ସଂଗଠନ ପକ୍ଷରୁ ଟ୍ୟାକ୍ସି ଷ୍ଟାଣ୍ଡରେ ଜଳ ଛତ୍ର ଖୋଲିଥିବାର ଅନୁଷ୍ଠାନ ମୁଖ୍ୟ ଆକାଶ କୁମାର ମିଶ୍ର ଜଣାଇଛନ୍ତି।

## ରହଣି ସଂସ୍କାର ସ୍କୁଲ୍‌ର ବାର୍ଷିକ ଉତ୍ସବ

**କାମାକ୍ଷାନଗର, ୩୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡର କଙ୍କଡ଼ାହାଡ଼ ବ୍ଲକ ବିରାଶାଳ ପଞ୍ଚାୟତ ରହଣି ଠାରେ ଗଢି ଉଠିଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ସଂସ୍କାର ପବ୍ଲିକ ସ୍କୁଲ ଦଶ ବର୍ଷ ପୂର୍ତ୍ତି କରି ଏକାଦଶ ଉତ୍ସବ ସ୍କୁଲ ପରିସର ଭିତରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଏସଏସସି ମେଡିକାଲ କଲେଜର ପ୍ରଫେସର ରବିନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ର ଅଧ୍ୟକ୍ଷ ଶାନ୍ତନୁ ଚାଟାର୍ଜି ଉପସ୍ଥିତ ଥିଲେ। ପ୍ରତିଷ୍ଠାତା ମଳୟ କୁମାର ପତି ଓ ପରିଚାଳନା ସମ୍ପାଦକ ପ୍ରସନ୍ନ କୁମାର ସାହୁ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ମାନେ ରହି ଏଭଳି ଏକ ଅଧିବାସୀ ଅଧୁଷିତ ଅଞ୍ଚଳ ରେ ଗଢି ଉଠିଥିବା ଶିକ୍ଷାନୁଷ୍ଠାନ ଙ୍କୁ ପ୍ରଶଂସା କରିବା ସହ ଅତ୍ୟାଧୁନିକ ପ୍ରଣାଳୀ ରେ ଶିକ୍ଷାଦାନ କୁ ଗୁରୁତ୍ୱ ଦିଆଯାଉଥିବାରୁ ବିଦ୍ୟାଳୟ ର ଆଦର୍ଶ ରେ ଅନୁପ୍ରାଣିତ ହୋଇ ଶିକ୍ଷା ଦାନ ସମ୍ପର୍କ ରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗ ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସିନେ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗ

## ବିଜେପିକୁ କଂଗ୍ରେସର ତୀବ୍ର ସମାଲୋଚନା

**ଅନୁଗୋଳ, ୩୧।୩(ସମିସ):** ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଜିଲ୍ଲା ସଭାପତି ସଂଗ୍ରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଗଣମାଧ୍ୟମକୁ ସମ୍ବୋଧିତ କରି ନରେନ୍ଦ୍ର ମୋଦୀ ସରକାରକୁ ଟାର୍ଗେଟ କରିଛନ୍ତି। ମୋଦୀ ସରକାରର ଏକଛତ୍ରବାଦୀ ସରକାରକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଥିଲେ। ନିଜ କୁକର୍ମକୁ ଘୋଡାଇବାକୁ ଯାଇ ବିଜେପି ଭାରତବର୍ଷର ସର୍ବପୁରାତନ ଭାରତୀୟ ଜାତୀୟ କଂଗ୍ରେସର ବ୍ୟାଙ୍କ ଖାତାକୁ ଆୟକର ବିଭାଗ ଦ୍ୱାରା ଜାଣିଶୁଣି ଅଚଳ କରି ଦେଇଛି। ଖାଲି ସେତିକି ନୁହେଁ, ସାଧାରଣ ନିର୍ବାଚନ ସମୟରେ ଆକ୍ରୋଶ ମୂଳକ ଭାବେ ନରେନ୍ଦ୍ର ମୋଦୀ ସରକାର ନିକଟରେ ଆୟକର ବିଭାଗ ଦ୍ୱାରା ୧୮୨୩ କୋଟି ୮ ଲକ୍ଷ ଟଙ୍କା ପୈଠ କରିବା ପାଇଁ କଂଗ୍ରେସ ଦଳକୁ ନୋଟିସ ପଠାଇଛନ୍ତି। ଆୟକର ବିଭାଗ ବଳ ପୂର୍ବକ ଏହା ପୂର୍ବରୁ ଭାରତୀୟ ଜାତୀୟ କଂଗ୍ରେସ ବ୍ୟାଙ୍କ ଆକାଉଣ୍ଟରୁ ୧୩୫କୋଟି ଟଙ୍କା ନେଇ ସାରିଛି। ୮ବର୍ଷ ତଳର ରିଟର୍ଣ୍ଣ କରିବା ପାଇଁ ଯେଉଁ ଦାବି କରାଯାଇଛ। ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଅଗଣତାନ୍ତ୍ରିକ। ଏହାକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ରାହୁଳ ଗାନ୍ଧୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ପ୍ରକାଶ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଟ୍ଟ ଓ ଜିଲ୍ଲା ମୁଖ୍ୟ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ନିଜ ନିଜର ବକ୍ତବ୍ୟ ରଖିଥିବା ବେଳେ ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ, ରାଜ୍ୟ କିଷାନ ସେଲ ଉପାଧ୍ୟକ୍ଷ ଉମେଶ ସାହୁ, ଜିଲ୍ଲା ଉପସଭାପତି ଚିତ୍ତ ରଞ୍ଜନ ନାଏକ, ଦୁଷ୍ମନ୍ତ ସେନାପତି, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଧିର, ଜିଲ୍ଲା କିଷାନ ସେଲ ଅଧ୍ୟକ୍ଷ ଦାଶରଥି ସାହୁ, ରାକେଶ ମିଶ୍ର, ନଗର ମହିଳା ସଭାନେତ୍ରୀ କାସିଦା ଖାନ, ପ୍ରଦ୍ୟୁମ୍ନ ସାହୁ, ମାନସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



● ପାଣି ଢାଙ୍କୁଣିରେ ଲାଗିଲାଣି କଳଙ୍କି

# ଦୂଷିତ ଜଳ ଯୋଗାଣରୁ ବଢୁଛି ଅସନ୍ତୋଷ

**ଢେଙ୍କାନାଳ ସଦର, ୩୧।୩ (ସମିସ)**

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକର ଘଟିପିରି ଗ୍ରାମପଞ୍ଚାୟତର ଓସ୍ତପାଳ ଗ୍ରାମରେ ଜଳଯାଗାଣ ପ୍ରକଳ୍ପ ତରଫରୁ ଓସ୍ତପାଳ ଗ୍ରାମକୁ ପାନୀୟ ଜଳ ଭାବେ ୧ ଲକ୍ଷ ଲିଟର ବିଶିଷ୍ଟ ଉଚ୍ଚ ପାଣି ଟାଙ୍କି ବସିଛି। ପରିଷ୍କାର ବା ବିଶୁଦ୍ଧ ପାଣି ଯୋଗାଇବା ପାଇଁ ସରକାର ଗ୍ରାମରେ ବସୁଧା ଯୋଜନାରେ କୂପ ଖନନ କରି ତା ଉପରେ ଲୁହା ଚାଦରର ଢାଙ୍କୁଣି ଘୋଡାଇ ରଖି ପାଣି ଯୋଗାଉଥିବା ବେଳେ ମରାମତି କିମ୍ବା ରକ୍ଷଣାବେକ୍ଷଣା ନିମନ୍ତେ କୋଣସି ପଦକ୍ଷେପ ନେଉ ନଥିବା ଜଣାଯାଏ। ଓସ୍ତପାଳ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ଯନ୍ତ୍ରୀ କିମ୍ବା ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀଙ୍କ ନଜର ପଡୁ ନଥିବା ବେଳ କୂଅ ଉପର ଲୁହା ଢାଙ୍କୁଣି ନଷ୍ଟ ହୋଇ କୂଅ ଭିତରେ ପାଣିରେ ବୁଡ଼ି ରହିଛି। ଅଳିଆ, ବର୍ଷାପାଣି ପଶି ପାଣିକୁ ଦୂଷିତ କରୁଥିବା ସ୍ଥଳେ ସେହି ଦୂଷିତ ପାଣି ଟାଙ୍କିକୁ ଦେଇ ଗ୍ରାମର ଲୋକମାନଙ୍କୁ ଜଳ ଯୋଗଉଛି ବସୁଧା। ପାନୀୟ ଜଳ ଭାବେ ଲୋକମାନେ ବ୍ୟବହାର କରି ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ସରକାରୀ ବାବୁମାନେ ଦରମା ପାଇ ଘରେ ବସୁଥିବା ବେଳେ ବ୍ଲିଚିଂ ପାଉଡର ପଡୁନି। କେବେ କୂଅ ସଫା ହେବ, ବିଶୁଦ୍ଧ ପାଣି ବ୍ୟବହାର ଲୋକମାନେ କରିବେ, ତାହା ଦେଖିବାକୁ ବାକି ରହିଲା।



# ଯନ୍ତ୍ରୀଙ୍କ ଆଚରଣବିଧି ଉଲ୍ଲଂଘନ

**ଢେଙ୍କାନାଳ,୩୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ରାୟନରସିଂହପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯନ୍ତ୍ରୀ ଖୋଲାଖୋଲି ଭାବରେ ନିର୍ବାଚନ ଆଚରଣ ବିଧି ଉଲଘଂନ କରିଥିବା ଅଭିଯୋଗ ହୋଇଛି। ଖୋଦ ବ୍ଲକ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ଦାସ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଜଣାପଡ଼ିଛି। ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଝରଣା ସାମଲଙ୍କ ବିଦାୟ କାଳୀନ କାର୍ଯ୍ୟକ୍ରମରେ ସରପଞ୍ଚ ଶିଶିରକାନ୍ତ ବେହେରାଙ୍କ ଉପସ୍ଥିତରେ ସରକାରୀ କର୍ମଚାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆଙ୍କ ଚିଠି ନମ୍ବର ୨୨୭୮/୨୪.୩.୨୪ କ୍ରମେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିଲ କୁମାର ସାହୁଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଏବିଡିଓ ଝରଣା ସାମଲଙ୍କ ନାମରେ ମଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମର ମୁଖ୍ୟ କାର୍ପଟଦାର ବ୍ଲକ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ପି. ସାହୁ ଓ ପଦୋନ୍ନତି ପାଇଥିବା ୧୨ଜଣ ଗ୍ରାମ ରୋଜଗାର ସେବକ ମଧ ଉପସ୍ଥିତ ଥିଲେ। ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ଦାସ ନିର୍ବାଚନରେ ସେକ୍ଟର ଅଫିସର ଭାବେ କାର୍ଯ୍ୟରତ। ତେବେ ଉପଜିଲ୍ଲାପାଳ ନାରାୟଣ ନାୟକ କିଭଳି ମୁଖ୍ୟ କାର୍ପଟଦାରଙ୍କୁ କାହିଁକି ଘଣ୍ଟ ଘୋଡାଇଛନ୍ତି।



ନିକଟସ୍ଥ ପଞ୍ଚାୟତର ସରପଞ୍ଚଙ୍କ ଶିକ୍ଷକ ସ୍ୱାମୀ ମଧ ଉପସ୍ଥିତ ରହିଥିବାରୁ କାର୍ଯ୍ୟାନୁଷ୍ଠାନରୁ ମୁକୁଳି ନାହାନ୍ତି। ଏହି କାର୍ଯ୍ୟକ୍ରମ ସ୍ଥଳରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ୨ଟି ବ୍ୟାନର ରହିଥିବାରୁ ଏହା ଆଦର୍ଶ ଆଚରଣବିଧି ଉଲ୍ଲଂଘନ ହେଉଥିବା ସ୍ପଷ୍ଟ ହୋଇଛି। ଯାହାକି ଉପଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ୩୧୩/୨୪.୩.୨୪ ରୁ ଜଣାଯାଏ। ତେବେ ସମସ୍ତ ସରକାରୀ ଅଧିକାରୀଙ୍କ ନିମନ୍ତେ ନିୟମ ଏକା ନା ଚାପ୍‌ରେ ଚେପା ହେଉଥିବା ଅଧିକାରୀଙ୍କ ନିମନ୍ତେ ନିୟମ କୁ ଦଳି ମକଚି ନିଜ ସୁବିଧା ଅନୁଯାୟୀ ତିଆରି କରିବା। ଜିଲ୍ଲା ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛି ତାକୁ ନେଇ ଆଲୋଚନା ହେଉଛି। ଏସଂକ୍ରାନ୍ତରେ କାମାକ୍ଷାନଗର ରିଟର୍ଣ୍ଣିଂ ଅଫିସର ସବିଶେଷ ତଥ୍ୟ ଜିଲ୍ଲା ନିର୍ବାଚନ ଅଧିକାରଙ୍କୁ ପ୍ରଦାନ କରିଥିବାର ଜଣାପଡ଼ିଛି।

## ପତ୍ନୀକୁ ହତ୍ୟା ପରେ ସ୍ୱାମୀ ନାବାଳକ ପୁଅକୁ ନେଇ ଫେରାର

**କାମାକ୍ଷାନଗର, ୩୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅର୍ନ୍ତଗତ ସୋଲଗାଡ଼ିଆ ଗାଁରେ ଏକ ଅଭାବନୀୟ କାଣ୍ଡ ଦେଖିବାକୁ ମିଳିଛି। ଗ୍ରାମର ପ୍ରିୟଦର୍ଶିନୀ ସାହୁଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପହିଛି। ସୂଚନା ଅନୁଯାୟୀ ୪/୫/୨୦୨୧ ମସିହାରେ ବୈଦିକ ରୀତିରେ ବାରବାଟୀ ଗ୍ରାମର ଜ୍ୟୋତ୍ସ୍ନା ସାହୁ ଓ ତନୁଜ ସାହୁଙ୍କ ଝିଅ ପ୍ରିୟଦର୍ଶିନୀ ସାହୁଙ୍କୁ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ସୋଲଗାଡ଼ିଆ ଗାଁର ଗୋପିନାଥ ସାହୁଙ୍କ ପୁଅ ମନୋଜ ସାହୁଙ୍କ ସହ ବିବାହ ହୋଇଥିଲା। କିନ୍ତୁ କିଛି ଦିନ ପରେ ପରେ ଯୌତୁକ ନିର୍ଯାତନା ଆରମ୍ଭ ହୋଇଥଲା। ଗତକାଲି କୌଣସି ଏକ ଅଜଣା ଫୋନ୍ ପାଇ ପରିବାର ଲୋକ ସୋଲଗାଡିଆ ଗ୍ରାମରେ ପହଞ୍ଚି ଝିଅ ପ୍ରିୟଦର୍ଶିନୀର ମରଶରୀର ଖଟରେ ପଡ଼ିଥିବା ଦେଖିଥିଲେ। ଶାଶୂଘର ଲୋକ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ହତ୍ୟା କରିଥିବା ମୃତ ପ୍ରିୟଦର୍ଶନୀଙ୍କ ମା ନିହଲପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ନିହଲପ୍ରସାଦ ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରୁଥିବା ବେଳେ ଶବ ଜବତ କରିଥିଲେ। ଆଜି ସକାଳୁ ଅନୁସନ୍ଧାନକାରୀ ଟିମ୍ ସହିତ ଥାନା ଅଧିକାରୀ କାଶୀନାଥ ହାଁସଦା ସବ ଇନ୍ସପେକ୍ଟର ଏସ ଅନାମିକା, ସୋମନାଥ ଦାଶ ଏବଂ ଗଁନ୍ଦିଆ ଅତିରିକ୍ତ ତହସିଲଦାର ପ୍ରକାଶ ନାୟକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ନିମନ୍ତେ ଢ଼େଙ୍କାନାଳ ମେଡିକାଲ୍ କୁ ପଠାଗଲା। ମନୋଜର ମା'ଙ୍କୁ ନଜର ବନ୍ଦୀରେ ରଖିଥିବା ବେଳେ ମନୋଜର ଦୁଇ ବର୍ଷର ପୁଅକୁ ଧରି ତା'ର ବାପା କେଉଁଆଡେ ପଳାୟନ କରିଛି। ତୁରନ୍ତ ଗୋପୀନାଥ ସାହୁକୁ ଗିରଫ କରାଯିବ ବୋଲି ଥାନା ଧିକାରୀ ଶ୍ରୀ ହାଁସଦା ପ୍ରକାଶ କରିଛନ୍ତି।

● କୁଞ୍ଜବିହାରୀପୁରରେ ଝାଡ଼ାବାନ୍ତି ଘଟଣା

## ପୁଣି ଜଣେ ମୃତ, ଜଣେ କଟକ ସ୍ଥାନାନ୍ତର

**ଓଡାପଡ଼ା, ୩୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା କୁଞ୍ଜବିହାରୀପୁର ଗ୍ରାମରେ ଝାଡ଼ାବାନ୍ତିରେ ଆଉ ଜଣେ ବ୍ୟକ୍ତି କଟକ ଡାକ୍ତରଖାନାରେ ମୃତ୍ୟୁବରଣ କରଛି। ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଥିବା ବେଳେ ଆଉ ଜଣେ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

ଗତ ୨୫ ତାରିଖରୁ ଓଡ଼ାପଡ଼ା ବ୍ଲକ ନୟାଭାଗିରଥିପୁର ଗ୍ରାମ ପଞ୍ଚାୟତ ଅଧୀନ କୁଞ୍ଜବିହାରୀପୁର ଆଦିବାସୀ ବସ୍ତିରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଦୁଇଜଣ ମୃତ୍ୟୁବରଣ କରିଥିଲା ବେଳେ ୮ ରୁ ୧୦ ଜଣ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେମାନଙ୍କ ମଧ୍ୟରୁ ଜଣେ କଟକକୁ ଓ ଦୁଇ ଜଣ ଢେଙ୍କାନାଳ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଥିଲା। ସେଥି ମଧ୍ୟରୁ ପବିତ୍ର ଦେହୁରୀ ୫୭ ବର୍ଷ ନାମକ ବ୍ୟକ୍ତି ଆଜି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଝାଡ଼ାବାନ୍ତିରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ପଦ୍ମା ଖଟୁଆ ନାମୀ ମହିଳାଙ୍କୁ ମେରାମଣ୍ଡଳୀ ଡାକ୍ତରଖାନାରୁ ଢେଙ୍କାନାଳ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଗତ ୨୫ ତାରିଖ ଦିନ ଗ୍ରାମର ତୁନ ଦେହୁରୀ ୬୫ ବର୍ଷ ନାମକ ମହିଳା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ କଟକ ଡାକ୍ତରଖାନାରେ ମୃତ ବରଣ କରିଥିଲେ। ସେହିପରି ଗତ ୨୮ ତାରିଖ ଦିନ ଟୁଙ୍ଗୁଲା ଦେହୁରୀଙ୍କ ମୃତ୍ୟୁବରଣ ହୋଇଥିଲା। ଆଜି କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଉକ୍ତ ଗ୍ରାମର ପବିତ୍ର ଦେହୁରୀ ୫୭ ବର୍ଷ ଙ୍କରମୃତବରଣ ହୋଇଥିବା ଜଣାପଡ଼ିଛି। ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତ ଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ଆଜି ପବିତ୍ର ଦେହୁରୀଙ୍କ ମୃତ୍ୟୁବରଣ ପରେ ଗ୍ରାମରେ ଲୋକ ମାନଙ୍କ ମନରେ ଭୟ ଛାଡି ନଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଅନନ୍ତ କୁମାର ରାଉଳ କହିଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ନୟାଭାଗିରଥିପୁର ସରପଞ୍ଚ ଜତି ନାଏକ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କାମାକ୍ଷାନଗର, ୩୧।୩ (ସମିସ):** କୋମାକ୍ଷାନଗର ସହର ସ୍ଥିତ ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଶାସକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗ୍ଲୋରିୟସ ଏଜୁକେସନ ଟ୍ରଷ୍ଟ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ପୂର୍ବତନ ସିବିଆଇ ବିଚାରପତି ତଥା ଲେଖକ ଭିକାରୀ ଚରଣ ରାଉତ, ପ୍ରସିଦ୍ଧ କବୟତ୍ରୀ ତଥା ଗବେଷକ ପ୍ରଭାସିନୀ ମହାକୁଡ଼ ଯୋଗଦେଇଥିଲେ। ଏହି ଅବସରରେ ଅଳ୍ପକିଛି ବର୍ଷ ମଧ୍ୟରେ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ନିଜର ଭିନ୍ନ ଏବଂ ସ୍ୱତନ୍ତ୍ର ଶିକ୍ଷାଦାନ ବ୍ୟବସ୍ଥା, ପିଲାମାନଙ୍କ ବାହ୍ୟ ପ୍ରତିଭାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରି କାମାକ୍ଷାନଗର ଅଞ୍ଚଳ ରେ ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ପରେ ବିଦ୍ୟାଳୟ ର ବିଭିନ୍ନ ବିଭାଗ ରେ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ର, ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଚିରଞ୍ଜୀବ ମିଶ୍ର ଓ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ୨ ମୃତ

**ଢେଙ୍କାନାଳ,୩୧।୩ (ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଓ କଙ୍କଡ଼ାହାଡ ଅଞ୍ଚଳରେ ଶନିବାର ରାତିରେ ପୃଥକ ପୃଥକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ପ୍ରଥମ ଘଟଣାରେ କାମାକ୍ଷାନଗର ଥାନା ରାଙ୍କିଆ ନିକଟରେ ରାଙ୍କିଆ ଗ୍ରାମର ସଲମନ ପାତ୍ର(୧୮) ନିଜର ମଟର ସାଇକେଲରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଗ୍ରାମ ନିକଟରେ ରାସ୍ତା ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇଁ କାମାକ୍ଷାନଗର ଥାନା ପୋଲିସ ମୃତଦେହ ଜବତ କରି ଏ ସଂକ୍ରାନ୍ତରେ କାମାକ୍ଷାନଗର ଥାନା କେସନଂ ୨୧୧/୨୪ ରେ ଏକ ମାମଲା ରୁଜୁକରାଯାଇଛି। ଅନ୍ୟ ଏକ ଘଟଣାରେ କଙ୍କଡ଼ାହାଡ ଥାନା ଉଦଳିଆ ବସନ୍ତପୁର ଗ୍ରାମର ମାୟାଧର ରାଉଳ(୬୫) ଏକ ମଟର ସାଇକେଲରେ କଙ୍କଡ଼ାହାଡରୁ କାମାକ୍ଷାନଗର ଆଡେ ଆସୁଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କାମାକ୍ଷାନଗର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସଂମ୍ପର୍କରେ କଙ୍କଡ଼ାହାଡ ଥାନା କେସନଂ ୭୫/୨୪ ରେ ଏକ ମାମଲା ରୁଜୁକରାଯାଇଛି।

କୃଷି ଅଧିକାରୀଙ୍କ ମଦ ବାଣ୍ଟିବା ଫଟୋ ଭାଇରାଲ

# ନିର୍ବାଚନ କମିଶନରଙ୍କ ନିକଟରେ ଅଭିଯୋଗ



**କାମାକ୍ଷାନଗର/ ଭୁବନ, ୩୧।୩(ସମିସ)**

ଢେଙ୍କାନାଳ ଜିଲ୍ଲାର ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ମାର୍କେଟ ଭୁବନ କୃଷି ଅଧିକାରୀ ମଦ ବାଣ୍ଟିବା ଫଟୋ ଭାଇରାଲ ହେବା ସହିତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଗତ ତା ୨୧.୦୩.୨୪ ରିଖ ସନ୍ଧ୍ୟା ୭ ଘଟିକା ସମୟରେ ଏଠାରେ କୃଷି ଅଧିକାରୀଙ୍କ ସହିତ କିଛି ବ୍ୟକ୍ତି ମଦ ପିଉଥିବାର ଫଟୋ ଭାଇରାଲ ହୋଇଥିଲା। ଏହି ଦୋକାନ ଘର ଅନେକ ସମୟରେ ତୃପ୍ତି ପାଠାଗାର ଭାବରେ ଖୋଲାଯାଉଥିବା ବେଳେ ମଦୁଆମାନଙ୍କ ଆଡାସ୍ଥଳୀ ପାଲଟି ଯାଇଛି, ଯାହାକି ଜନସାଧାରଣଙ୍କ ନଜରକୁ ବାରମ୍ବାର ଆସିଛି। ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ଜଣେ ସରକାରୀ କର୍ମଚାରୀ ମଦ ବାଣ୍ଟିଥିବା ନେଇ ଚର୍ଚ୍ଚା ହେଉଛି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ଗୃହ ନଂ - ୯କୁ ଦୋକାନ ଦେବା ଉଦ୍ଦେଶ୍ୟରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ସହିତ ପୂର୍ଣ୍ଣଚନ୍ଦ୍ର ସାହୁ ନିଜ ନାମରେ ଚୁକ୍ତିନାମା ସ୍ୱାକ୍ଷରିତ କରିଥିବା ବେଳେ କିପରି ମଦ ବଣ୍ଟନ କରାଯାଉଥିଲା। ଏ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ଢେଙ୍କାନାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚିଠି ସଂଖ୍ୟା - ୭୮୯୬୪୦ ଅନୁଯାୟୀ ନିର୍ବାଚନ କମିଶନଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବା ସହିତ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଷୟରେ ନିର୍ବାହୀ ଅଧିକାରୀ ପଚାରିବାରୁ କହିଥିଲେ କି, ବିଜ୍ଞାପିତ ଅଞ୍ଚଳ ପରିଷଦ ଦୋକାନ ଗୃହ ନଂ - ୯ ରେ ମଦ ବାଣ୍ଟିବାର ଫଟୋ ଭାଇରାଲ ହୋଇଥିବା ଆମ ନଜରକୁ ଆସିଛି। ଏ ନେଇ ଆମ ପାଖରେ ଲିଖିତ ଅଭିଯୋଗ ପାଇଛୁ। ଅତିରିକ୍ତ ଜିଲ୍ଲାପାଳ ନିର୍ବାଚନ କମିଶନଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିଛନ୍ତି। ଏ ଘଟଣାକୁ ନେଇ ତଦନ୍ତ କରାଯିବ, ଯଦି ଏପରି କିଛି କାର୍ଯ୍ୟ ହୋଇଥାଏ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥି ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦର ଦୋକାନ ଗୃହମାନଙ୍କରେ ଯଦି ଏପରି କିଛି ବେଆଇନ କାର୍ଯ୍ୟ ଚାଲୁଥାଏ, ତାହା ଆମ ନଜରକୁ ଆଣିବା ପାଇଁ ଜନସାଧାରଣଙ୍କୁ କହିଛନ୍ତି।

## ବିଜେଡିରେ ମିଶିଲେ ବିଜେପିର ବହୁ କର୍ମୀ

**କାମାକ୍ଷାନଗର ୩୧।୩(ସମିସ):** ଢେଙ୍କାନାଳ ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜେପି ଛାଡ଼ି ବିଜେଡିରେ ଗଡ଼ପରଜଙ୍ଗର ୩୮ ବିଜେପି କର୍ମୀ ଯୋଗଦେଇଛନ୍ତି। ସ୍ଥାନୀୟ ଡିହଡ଼ୋଳ ସ୍ଥିତ ପରଜଙ୍ଗ ବିଧାୟକ ଡ଼ ନୃସିଂହ ଚରଣ ସାହୁଙ୍କ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ସ୍ୱଚ୍ଛ ଶାସନ ତଥା ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେପିର କର୍ମୀ ମାନେ ବିଜେଡିରେ ମିଶିଥିବା ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବ ଫଳରେ ପରଜଙ୍ଗରେ ବିଜେଡି ନିଜ ଶକ୍ତି ବୃଦ୍ଧି କରିଥିବା ବେଳେ ବିଜେପି ଦୁର୍ବଳ ହେବାରେ ଲାଗିଛି। ବିଜେପିର ବରିଷ୍ଠ କର୍ମୀ ସୁବ୍ରତ ପରିଡ଼ା, ଚନ୍ଦନ ରାଉତ, ସୌମ୍ୟରଞ୍ଜନ ନାୟକ, ଦିବ୍ୟଜ୍ୟୋତି ସାମନ୍ତ, ଶ୍ରବଣ ବଳ, ସୌମ୍ୟ କଅଁର, ଲିଟନ ଡାନି ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଯୁବ ବିଜେଡି ନେତା ଅସିତ ରାୟ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବିଜୁ ଯୁବ ସଭାପତି ସୁବ୍ରତ ଦାସ, ଛାତ୍ର ସଭାପତି ପ୍ରିୟଜିତ ସାମଲଙ୍କ ସମେତ ବହୁ ସ୍ଥାନୀୟ ନେତୃତ୍ୱ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ଦଳରେ ମିଶିଥିବା କର୍ମୀମାନଙ୍କୁ ବିଧାୟକ ଡ଼ ସାହୁ ଦଳୀୟ ଉତ୍ତରୀୟ ପିନ୍ଧାଇବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି।



## ଶିକ୍ଷାଧିକାରୀଙ୍କ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

**ଗଁନ୍ଦିଆ, ୩୧।୩(ସମିସ)**

ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ଲାଉଲଇ ନୋଡାଲ ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ବ୍ରହ୍ମଙ୍କୁ ଗନ୍ଦିଆ ପଞ୍ଚାୟତ ସମିତି ବୈଠକର ଅଭିଯୋଗ କ୍ରମେ ଚିଠି ନଂ୬୮୫ ବ୍ଲକ ଶିକ୍ଷା ଅଧିକାରୀ ଦଶମାଣପାଟଣା ଉପ୍ରା ବିଦ୍ୟାଳୟକୁ ବଦଳି କରିଥିଲେ। ସମ୍ପ୍ରତି ୨୨।୩।୨୪ ଚିଠି ନଂ ୭୭୫ ଅନୁଯାୟୀ ଏହି ବଦଳିକୁ ରଦ୍ଦ ଘୋଷଣା କରି ୩୦।୩।୨୪ ରିଖରେ ଲାଉଲଇ ପ୍ରଧାନଶିକ୍ଷୟିତ୍ରୀଙ୍କ ମୋବାଇଲକୁ ପ୍ରେରଣ କରାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ୧୩।୩।୨୪ ରିଖଠାରୁ ୩୦।୩।୨୪ ରିଖ ପର୍ଯ୍ୟନ୍ତ ଶିକ୍ଷକ ବ୍ରହ୍ମ ମହାଶୟ କେଉଁଠାରେ ଚାକିରି କରିଥିଲେ। ନିରୀହ ଶିକ୍ଷକଙ୍କୁ ଅସୁବିଧାରେ ପକାଇ ଏପରି ଦଣ୍ଡ ଦେବା କେତେ ସମିଚିନ ଅଟେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ନିର୍ବାଚନ ଆଚରଣବିଧି ଲାଗୁଥିବା ବେଳେ ନିରୀହ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶକୁ ରଦ୍ଦ କରିବାର ପତ୍ର ପଠାଇବା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ନୁହେଁ କି ? ନିରୀହ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳିର ନାଲି ଆଖି ନିର୍ଦ୍ଦେଶ ଦେଇ ମୋଟା ଅଙ୍କର ଅର୍ଥ କାରବାର ତଥା ଚଞ୍ଚକତାର ସୂତ୍ରଧର ସାଜି ବଦଳି ନିର୍ଦ୍ଦେଶକୁ ରଦ୍ଦ କରିଥିବା ଗନ୍ଦିଆ ଶିକ୍ଷା ଅଧିକାରୀଙ୍କ ପାରିବା ପଣିଆର ଏକ ଜ୍ୱଳନ୍ତ ଉଦାହରଣ। ଏ ସଂକ୍ରାନ୍ତରେ ଲାଉଲଇ ବିଦ୍ୟାଳୟ ପରିଚାଳନା କମିଟି ଗନ୍ଦିଆ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକଙ୍କୁ ଏଠାରୁ ଅନତ୍ର ବଦଳି କରି ବିଦ୍ୟାଳୟରେ ଶାନ୍ତିର ବାତାବରଣ ସୃଷ୍ଟି ପାଇଁ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

● ଏମିତି ସ୍ୱାମୀକୁ ଶହେ ସଲାମ

# ପ୍ରେମିକ ହାତରେ ବିବାହ ଦେଲା ପତ୍ନୀକୁ

**କାମାକ୍ଷାନଗର, ୩୧।୩ (ସମିସ)**

ଢେଙ୍କାନାଳ ଜିଲ୍ଲା ଜିଲ୍ଲା ଗଁନ୍ଦିଆ ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ଆଠବର୍ଷର ପୁରୁଣା ପ୍ରେମ କାହାଣୀକୁ ସତ କରିବାକୁ ପାଗଳ ପ୍ରେମିକ ଗଁନ୍ଦିଆ ଆସିଥିବା ବେଳେ ଫିଲ୍ମ ଷ୍ଟାଇଲରେ ନିଜ ପତ୍ନୀକୁ ପ୍ରେମିକ ହାତରେ ଟେକି ଦେଇଥିବାର ଜଣାପଡ଼ିଛି।

ଗଁନ୍ଦିଆ ଥାନା ଅର୍ନପୁର ଗ୍ରାମର ବ୍ରଜବନ୍ଧୁ ବାରିକଙ୍କ ପୁତ୍ର ଯଜ୍ଞଦତ୍ତ ବାରିକ ଦୀର୍ଘ ତିନି ବର୍ଷ ପୂର୍ବରୁ କଣ୍ଟାବଣିଆ ଅଞ୍ଚଳର ପ୍ରିୟଙ୍କା ବାରିକଙ୍କୁ ବିବାହ କରିଥିଲେ। ବାହାଘରର ପନ୍ଦର ଦିନ ପରଠାରୁ ପୁରୁଣା ପ୍ରେମିକ ପ୍ରେମରେ ଉବୁଟୁବୁ



ହେଉଥିଲେ ପ୍ରିୟଙ୍କା। ପ୍ରେମିକକୁ ପାଇବା ପାଇଁ ଆତ୍ମହତ୍ୟା ଧମକ ଦେଉଥିଲେ। ଆଜି ସକାଳେ ପ୍ରିୟଙ୍କା ପ୍ରେମିକଙ୍କୁ ଥାନାରେ ଆତ୍ମହତ୍ୟା କରିବେ ବୋଲି ଧମକ ଦେଇ ଡକାଇଥିଲେ। ମତେ ଏଠାରୁ ନେଇଯାଅ ବୋଲି କହିଥିଲେ। ତାଙ୍କର ଆତ୍ମହତ୍ୟା ଧମକକୁ ଶୁଣି ପ୍ରମିକ ଗଁନ୍ଦିଆ ଥାନାରେ ପହଞ୍ଚିଥିଲେ। ଏଥିରେ ବିଚଳିତ ହୋଇପଡ଼ି ସ୍ୱାମୀ ଯଜ୍ଞଦତ୍ତ ଥାନାର ଦ୍ୱାରସ୍ଥ ହୋଇ ସ୍ତ୍ରୀକୁ ପୁରୁଣା ପ୍ରେମିକ ଶ୍ରୀତମ ନାଏକଙ୍କ ହାତରେ ଟେକି ଦେଇଥିଲେ। ପ୍ରେମିକଙ୍କ ଘର ଅନୁଗୋଳ ଥାନା ବଅଁରପାଳରେ ବୋଲି ଜଣାପଡ଼ିଛି। ଆଜି ଗଁନ୍ଦିଆ ଥାନା ପୋରୁହଖୋଜ ଗ୍ରାମ ରାମମନ୍ଦିରରେ ପ୍ରେମିକଙ୍କ ସହ ବିବାହ କରିଥିଲେ। ଏହି ବିବାହରେ ସ୍ୱାମୀ ଯଜ୍ଞଦତ୍ତ ଓ ଶଶୁର ବ୍ରଜବନ୍ଧୁ ଉପସ୍ଥିତ ଥିଲେ। ଶ୍ରୀତମ ନାୟକ ମନ୍ଦିରରେ ବିବାହ କରିଲା ପରେ କହିଛନ୍ତି କି, ଯଦି ମୋ ପରିବାର ଲୋକ ଏ ବିବାହକୁ ଗ୍ରହଣ ନକରନ୍ତୁ। ତାହେଲେ ମଧ୍ୟ କୌଣସି ପରିସ୍ଥିତିରେ ମୁଁ ତାଙ୍କୁ ଛାଡିପାରିବି ନାହିଁ। ଯଦି ଛାଡ଼ିଲି ତାହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

